# NATIONAL NEWS BULLETIN (ODIA)

**15 April - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଗ୍ରାମୀଣ ଓ ସହରାଞ୍ଚଳ ମଧ୍ୟରେ ଥିବା ସ୍ୱାସ୍ଥ୍ୟସେବା ଅସମାନତାକୁ ବୈଷୟିକ ବିକାଶ ଦୂର କରିବ; କହିଲେ ରାଷ୍ଟ୍ରପତି

- ନାଗରିକମାନେ ୯ଟି କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କଲେ ବିକଶିତ ଭାରତର ସ୍ୱପ୍ନ ସାକାର ହୋଇପାରିବ

- ବିହାରର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ସମ୍ରାଟ ଚୌଧୁରୀ

- ଆମେରିକାର ମଧ୍ୟସ୍ଥତାରେ ଲେବାନନ୍ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ବିରତି ନେଇ ଫଳପ୍ରଦ ଆଲୋଚନା

ଏବଂ

- ଆଇପିଏଲ୍‌ରେ ଆଜି ରୟାଲ୍ସ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ମଧ୍ୟରେ ଖେଳାଯିବ ମ୍ୟାଚ୍

## ପ୍ରେସିଡେଣ୍ଟ– ଏମ୍ସ ନାଗପୁର

ବୈଷୟିକ ବିକାଶ ଗ୍ରାମୀଣ ଏବଂ ସହରାଞ୍ଚଳ ସ୍ୱାସ୍ଥ୍ୟସେବା ମଧ୍ୟରେ ଥିବା ଅସମାନତାର ଲାଭ ଉଠାଇବା ସହ ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଉଚିତ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ଆଜି ନାଗପୁରର ଅଖିଳ ଭାରତୀୟ ଆର୍ୟୁବିଜ୍ଞାନ ସଂସ୍ଥାନ– ଏମ୍ସର ଦ୍ୱିତୀୟ ସମାବର୍ତ୍ତନ ସମାରୋହକୁ  ସମ୍ବୋଧିତ କରି ରାଷ୍ଟ୍ରପତି' ରୋଗୀମାନଙ୍କ ପ୍ରତି ସମ୍ବେଦନଶୀଳ ଏବଂ ସମ୍ମାନଜନକ ଆଚରଣ ପ୍ରଦର୍ଶନ କରିବାକୁ ଯୁବଡାକ୍ତରମାନଙ୍କୁ ପରାମର୍ଶ ଦେଇଛନ୍ତି। ଡାକ୍ତରୀ ବୃତ୍ତିରେ ସେବା କରିବା ସମୟରେ ସହାନୁଭୂତିଶୀଳ ମନୋଭାବ ସହିତ ନିରନ୍ତର ଶିକ୍ଷା ପାଇଁ ଦକ୍ଷତା ବିକାଶ ଏବଂ ନୈତିକ ମୂଲ୍ୟବୋଧ ଅନୁସରଣ କରିବାକୁ ସେ ଛାତ୍ରମାନଙ୍କୁ ଅନୁରୋଧ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ସ୍ନାତକ, ସ୍ନାତକୋତ୍ତର ଏବଂ ପାରାମେଡିକାଲ ପାଠ୍ୟକ୍ରମରେ ଉତ୍କର୍ଷ ହାସଲ କରିଥିବା ୮ଜଣ ବିଦ୍ୟାର୍ଥୀଙ୍କୁ ସ୍ୱର୍ଣ୍ଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ରାଜ୍ୟପାଳ ଜିଷ୍ଣୁ ଦେବ ବର୍ମା, ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ପଡ଼ନାବିସ, ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ, ନାଗପୁର ଏମ୍ସର ସଭାପତି ଡକ୍ଟର ଅନନ୍ତ ପାନ୍ଦାରେ ପ୍ରମୁଖ ଉପସ୍ଥିତ ଥିଲେ।

## ଭିପି- ଗଭର୍ଣ୍ଣାନ୍ସ

ଲୋକମାନଙ୍କୁ ସଶକ୍ତ କରିବା ଏବଂ କେହି ଯେପରି ପଛରେ ନ ରୁହନ୍ତୁ, ତାହା ସୁନିଶ୍ଚିତ କରିବା ଶାସନର ପ୍ରକୃତ ଉଦ୍ଦେଶ୍ୟ ବୋଲି ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ କହିଛନ୍ତି। ନୂଆଦିଲ୍ଲୀରେ ଇଣ୍ଡିଆନ୍

ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଆଡମିନିଷ୍ଟ୍ରେସନ୍‌ର ୭୨ତମ ପ୍ରତିଷ୍ଠା ଦିବସ ସମାରୋହକୁ ସମ୍ବୋଧିତ କରି ଶ୍ରୀ ରାଧାକ୍ରିଷ୍ଣନ୍' ସମାଜର କୌଣସି ବର୍ଗ କିମ୍ବା ଦେଶର କୌଣସି ଅଞ୍ଚଳକୁ ବିକାଶରୁ ବଞ୍ଚିତ କରାଯିବା ଉଚିତ ନୁହେଁ ବୋଲି ମତବ୍ୟକ୍ତ କରିଛନ୍ତି ।

# ପିଏମ୍– କର୍ଣ୍ଣାଟକ

ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନାଗରିକମାନଙ୍କୁ ବିକାଶର ୯ଟି କ୍ଷେତ୍ରରେ ନିଷ୍ଠାର ସହ ନିଜକୁ ସମର୍ପିତ କରିବାକୁ ଆହ୍ୱାନ ଦେଇଛନ୍ତି । ଆଜି କର୍ଣ୍ଣାଟକର ମାଣ୍ଡ୍ୟା ନିକଟସ୍ଥ ଆଦିଚୁଞ୍ଚନଗିରି ମଠରେ 'ଗୁରୁ ଭୈରବୈକ୍ୟ ମନ୍ଦିର'ର ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ସନ୍ଥ ଓ ମହର୍ଷିମାନେ ଏହିଭଳି ଦୃଷ୍ଟିକୋଣ ରଖି ସମାଜର ମଙ୍ଗଳ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ।

**V/O–PM-MATH-KARNATAK**

ପ୍ରଧାନମନ୍ତ୍ରୀ ନାଗରିକମାନଙ୍କୁ ଜଳ ସଂରକ୍ଷଣ ଓ ପରିଚାଳନା, 'ଏକେ ପେଡ୍ ମାଆ କେ ନାମ' କାର୍ଯ୍ୟକ୍ରମ ଅଧୀନରେ ଚାରାରୋପଣ ଏବଂ ନିଜର ପାରିପାର୍ଶ୍ୱିକ ଅଞ୍ଚଳ, ଧାର୍ମିକ ସ୍ଥଳ, ଗ୍ରାମ ଓ ସହରକୁ ସ୍ୱଚ୍ଛ ରଖିବା ଭଳି ୯ଟି କ୍ଷେତ୍ର ଉପରେ ହାତ ମିଳାଇବାକୁ ଆହ୍ୱାନ ଦେଇଛନ୍ତି । ସ୍ୱଦେଶୀ ସାମଗ୍ରୀ ଏବଂ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରି ସ୍ୱଦେଶୀ ଆନ୍ଦୋଳନକୁ ଆଗେଇ ନେବାକୁ ମଧ୍ୟ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ଭାରତୀୟମାନେ ଦେଶର ବିଭିନ୍ନ ସ୍ଥାନ ଭ୍ରମଣ କରି ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେଇପାରିବେ । ରାସାୟନିକ ଦ୍ରବ୍ୟ ଓ କୀଟନାଶକ ବ୍ୟବହାର

ନ କରି ଜୈବିକ ତଥା ପ୍ରାକୃତିକ ଚାଷ କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

ଶରୀରର ମେଦବହୁଳତା ହ୍ରାସ କରିବା ପାଇଁ କମ୍ ତେଲ ବ୍ୟବହାର କରିବା ଏବଂ ମିଲେଟ୍ସ ଖାଇ ଏକ ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ସେ ପରାମର୍ଶ ଦେଇଛନ୍ତି। ଯୋଗ, କ୍ରୀଡ଼ା ଏବଂ ସୁସ୍ଥତାକୁ ଆମ ଦୈନନ୍ଦିନ ଜୀବନର ଅଂଶ କରିବା ଉଚିତ୍ ବୋଲି ଶ୍ରୀ ମୋଦୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ନବମ କ୍ଷେତ୍ରଟି ହେଲା 'ସେବା ଭାବ', ଯାହା ଗରିବ ଓ ପଛୁଆ ବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିବା। ଏହି ନଅଟି ଲକ୍ଷ୍ୟ ପୂରଣ କରାଯାଇପାରିଲେ ଭାରତ ଖୁବ୍ ଶୀଘ୍ର ଏକ ବିକଶିତ ରାଷ୍ଟ୍ରରେ ପରିଣତ ପାରିବ ବୋଲି ଶ୍ରୀ ମୋଦୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଆଦିଚୁଞ୍ଚନଗିରି ମଠରେ ପହଞ୍ଚିବା ପୂର୍ବରୁ ପ୍ରଧାନମନ୍ତ୍ରୀ ଏକ ରୋଡ୍ ଶୋ'ରେ ସାମିଲ ହୋଇଥିଲେ। ପରେ ସେ କାଳଭୈରବେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ ଏବଂ ପୂର୍ବତନ ପୀଠାଧୀଶ୍ୱର ବାଲଗଙ୍ଗାଧରନାଥ ସ୍ୱାମୀଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ସେ ମଧ୍ୟ 'ସୌନ୍ଦର୍ଯ୍ୟ ଲହରୀ' ଏବଂ 'ଶିବ ସ୍ତୋତ୍ରମ' ନାମକ ଦୁଇଟି ପୁସ୍ତକ ଉନ୍ମୋଚନ କରିଛନ୍ତି।

## ଅମିତ ଶାହା- କୋଲକାତା

ପଶ୍ଚିମବଙ୍ଗ ଓ ତାମିଲନାଡୁରେ ନିର୍ବାଚନ ପ୍ରଚାର ସରଗରମ ହେବାରେ ଲାଗିଛି। ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ପଶ୍ଚିମବଙ୍ଗର ଦାର୍ଜିଲିଂସ୍ଥିତ ଲବୋଙ୍ଗ ପଡ଼ିଆରେ ଆୟୋଜିତ

ଏକ ସାଧାରଣସଭାକୁ ମାଲଦାରୁ ଆଭାସୀ ମାଧ୍ୟମରେ ସମ୍ବୋଧିତ କରିଛନ୍ତି। ଶ୍ରୀ ଶାହା କହିଛନ୍ତି, ବଙ୍ଗଳାରେ ଗୋର୍ଖା ପ୍ରସଙ୍ଗ ସାମ୍ବିଧାନିକ ଢାଞ୍ଚା ମଧ୍ୟରେ ସମାଧାନ ହେବ ଏବଂ ରାଜ୍ୟରେ ବିଜେପି କ୍ଷମତାକୁ ଆସିଲେ ଗୋର୍ଖା ସମ୍ପ୍ରଦାୟର ଲୋକଙ୍କ ବିରୁଦ୍ଧରେ ଥିବା ମିଥ୍ୟା ମାମଲାକୁ ପ୍ରତ୍ୟାହାର କରାଯିବ।

ତୃଣମୂଳ କଂଗ୍ରେସ ନେତ୍ରୀ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉତ୍ତର ଦିନାର୍ଜପୁରର ଇସଲାମପୁର କୋର୍ଟ ମଇଦାନଠାରେ ଏକ ଜନସଭାକୁ ସମ୍ବୋଧନ କରିବା କାର୍ଯ୍ୟକ୍ରମ ରହିଛି। ଏଥିସହିତ ସେ ସିଲିଗୁଡ଼ି ଓ ଚାଲସାରେ ଦୁଇଟି ପଦଯାତ୍ରା କାର୍ଯ୍ୟକ୍ରମରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଭିକ୍ଷା କରିବେ।

ଆସନ୍ତା ୨୩ ତାରିଖରେ ତାମିଲନାଡୁରେ ହେବାକୁ ଥିବା ବିଧାନସଭା ନିର୍ବାଚନ ଲାଗି ବିଜେପିର ପୂର୍ବତନ ରାଜ୍ୟ ସଭାପତି କେ.ଆନ୍ନାମଲାଇ' ସିଙ୍ଗାନଲ୍ଲୁରରେ ନିର୍ବାଚନ ପ୍ରଚାର କରୁଛନ୍ତି। ସେ କହିଛନ୍ତି, ଡି.ଏମ୍.କେ. ଓ କଂଗ୍ରେସ ମିଶିକରି ଲୋକଙ୍କ ମଙ୍ଗଳ ପାଇଁ କାମ କରୁନାହାଁନ୍ତି। ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ତଥା କଂଗ୍ରେସ ନେତା ପି.ଚିଦମ୍ବରମ ଏବଂ ଡି.ଏମ୍.କେ ଯୁବଶାଖାର ନେତା ତଥା ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍ ବିଭିନ୍ନ ସ୍ଥାନରେ ପ୍ରଚାର କାର୍ଯ୍ୟ ଜାରି ରଖିଛନ୍ତି।

## ବିହାର ନ୍ୟୁ ସିଏମ୍ ଓଥ୍

ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ସମ୍ରାଟ ଚୌଧୁରୀ ବିହାରର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ପାଟନାର

ଲୋକ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ଅବସରପ୍ରାପ୍ତ ଲେଫ୍‌ଟନାଣ୍ଟ ଜେନେରାଲ୍ ସୟଦ ଅତା ହସନୈନ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି ।

**V/O– OATH SAMRAT CHOUDHURY**

ଶ୍ରୀ ଚୌଧୁରୀ ରାଜ୍ୟର ୨୪ତମ ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ରାଜ୍ୟର ଏହି ସର୍ବୋଚ୍ଚ ପଦବୀ ଗ୍ରହଣ କରିବାରେ ସେ ପ୍ରଥମ ବିଜେପି ନେତା । ସଂଯୁକ୍ତ ଜନତା ଦଳ (ଜେଡିୟୁ)ର ବରିଷ୍ଠ ନେତା ତଥା ସରାଇରଞ୍ଜନ ବିଧାୟକ ବିଜୟ କୁମାର ଚୌଧୁରୀ ଏବଂ ସୁପୌଲ ବିଧାୟକ ବିଜେନ୍ଦ୍ର ପ୍ରସାଦ ଯାଦବ ମଧ୍ୟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ଶ୍ରୀ ଚୌଧୁରୀ ଏବଂ ଶ୍ରୀ ଯାଦବ ଉପ-ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇବେ ।

ସମାରୋହରେ ଜେଡିୟୁର ଜାତୀୟ ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ବରିଷ୍ଠ ବିଜେପି ନେତା ଜେ. ପି. ନଡ୍ଡା, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ ଏବଂ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ ।

## ଲେବାନନ୍, ଇସ୍ରାଏଲ ଟକ୍ସ

ଇରାନ ସମର୍ଥିତ ଆତଙ୍କବାଦୀ ଗୋଷ୍ଠୀ ହିଜବୁଲ୍ଲାକୁ ନେଇ ସପ୍ତାହ ସପ୍ତାହ ଧରି ଚାଲିଥିବା ସଂଘର୍ଷ ପରେ ଲେବାନନ୍ ଏବଂ ଇସ୍ରାଏଲ୍ ଓ୍ୱାଶିଂଟନ୍ ଡି.ସି.ରେ ସେମାନଙ୍କର ପ୍ରଥମ ପ୍ରତ୍ୟକ୍ଷ ଆଲୋଚନା କରିଛନ୍ତି । ଆମେରିକାର ପରରାଷ୍ଟ୍ର ବିଭାଗ ଦ୍ୱାରା ଆୟୋଜିତ ଏହି ଦୁଇ ଘଣ୍ଟିଆ ବୈଠକକୁ ଆମେରିକା ବିଦେଶ ସଚିବ ମାର୍କୋ ରୁବିଓ ଏକ 'ଐତିହାସିକ ସୁଯୋଗ' ଭାବରେ ବର୍ଣ୍ଣନା କରିଛନ୍ତି । କିନ୍ତୁ ଏଥିସହ ସେ ଚେତାବନୀ ଦେଇଛନ୍ତି ତୁରନ୍ତ କୌଣସି ବଡ଼ ସଫଳତା ମିଳିବା ସମ୍ଭାବନା କମ୍ ।

ଆମେରିକା ଏକ ବିବୃତିରେ କହିଛି, ଏହି ଆଲୋଚନା ଫଳପ୍ରଦ ହୋଇଛି ଏବଂ ଉଭୟ ପକ୍ଷ ମଧ୍ୟରେ ଆନୁଷ୍ଠାନିକ କଥାବାର୍ତ୍ତା ଆରମ୍ଭ କରିବା ଉପରେ ଏହା କେନ୍ଦ୍ରିତ ଥିଲା ।

## ରିଜିଜୁ– ୱିମେନ୍ ରିଜରଭେସନ୍ ବିଲ୍

ମହିଳା ଓ ସଂରକ୍ଷଣ ବିଲ୍ ଆଣିବା ପୂର୍ବରୁ ସମସ୍ତ ବ୍ୟବସ୍ଥାକୁ ଯତ୍ନ ସହକାରେ ସମାଧାନ କରାଯାଇଛି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି । ନୂଆଦିଲ୍ଲୀରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ଶ୍ରୀ ରିଜିଜୁ କହିଛନ୍ତି, ଆସନ ସଂଖ୍ୟା ବୃଦ୍ଧି ପାଇଁ ବ୍ୟବସ୍ଥା ସହିତ ପ୍ରତ୍ୟେକ ରାଜ୍ୟକୁ ନ୍ୟାୟସଂଗତ ଭାବରେ ବିଚାର କରାଯାଇଛି । ପ୍ରସ୍ତାବିତ ବିଲ୍ ସନ୍ତୁଳିତ ଏବଂ ପ୍ରତ୍ୟେକ ସମ୍ପ୍ରଦାୟ, ଅଞ୍ଚଳ ଏବଂ ରାଜ୍ୟର ଆକାଂକ୍ଷା ପ୍ରତି ଧ୍ୟାନ ଦିଆଯାଇଛି ବୋଲି ଶ୍ରୀ ରିଜିଜୁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ପଞ୍ଜାବ– ଆକ୍ସିଡେଣ୍ଟ

ପଞ୍ଜାବରେ ଗତକାଲି ବିଳମ୍ବିତ ରାତିରେ ଘଟିଥିବା ବସ୍ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୮କୁ ବୃଦ୍ଧି ପାଇଛି । ଦୁର୍ଘଟଣାରେ ୨୦ରୁ ଅଧିକ ଲୋକ ଆହତ ହୋଇଥିବା ସୂଚନା ମିଳିଛି । ବସ୍‌ଟିରେ ପ୍ରାୟ ୪୦ ଜଣ ଯାତ୍ରୀ ଥିଲେ ଏବଂ ଏହାକୁ ଜଣେ ଗୁରୁଦ୍ୱାର ଗ୍ରନ୍ଥୀ ଇକବାଲ ସିଂହ ଚଲାଉଥିଲେ, ଯାହାଙ୍କର ମଧ୍ୟ ଏହି ଦୁର୍ଘଟଣାରେ ମୃତ୍ୟୁ ଘଟିଛି ।

ଗତକାଲି ବୈଶାଖୀ ଅବସରରେ ଶ୍ରୀ ଆନନ୍ଦପୁର ସାହିବ ଦର୍ଶନ ପରେ ଶ୍ରଦ୍ଧାଳୁମାନଙ୍କୁ ନେଇ ଫେରୁଥିବା ବେଳେ ବସ୍‌ଟି ଦୁର୍ଘଟଣାଗ୍ରସ୍ତ

ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୁର୍ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

## ଇଡି- ସର୍ଚ୍ଚେସ ଏଲ୍‌ପିୟୁ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), ବୈଦେଶିକ ମୁଦ୍ରା ପରିଚାଳନା ଅଧିନିୟମ– ୧୯୯୯ ଅନ୍ତର୍ଗତ ଆମ୍ ଆଦମୀ ପାର୍ଟିର ସାଂସଦ ଅଶୋକ ମିତ୍ତଲଙ୍କ ବାସଭବନ ଓ କାର୍ଯ୍ୟାଳୟରେ ଚଢ଼ାଉ କରୁଛି। ଇଡି ପକ୍ଷରୁ ମିଳିଥିବା ଖବର ଅନୁଯାୟୀ, 'ଲଭଲି ୟୁନିଭରସିଟି ଗ୍ରୁପ୍' ସହ ଜଡିତ ସଂସ୍ଥାଗୁଡ଼ିକ ବିରୋଧରେ ଚାଲିଥିବା ଏକ ବ୍ୟାପକ ତଦନ୍ତର ଏହା ଏକ ଅଂଶବିଶେଷ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟରେ ଆଜି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଲକ୍ଷ୍ନୌ ସୁପରଜ୍ୟାଏଣ୍ଟସ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ । ବେଙ୍ଗାଲୁରୁର ଏମ୍.ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ଠାରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ ।

ଗତକାଲିର ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍' କୋଲକାତା ନାଇଟ୍ ରାଇଡର୍ସଙ୍କୁ ୩୨ ରନ୍‌ରେ ପରାସ୍ତ କରିଥିଲା।